**Launching of**

**Vigilance Investigation and Prosecution Management System**

**by Hon’ble CM, Odisha**




Hon'ble Chief Minister, Odisha, Shri Naveen Patnaik launched the Portal of Vigilance Investigation and Prosecution Management System, designed and developed by NIC, on the occasion of State Level Function for Vigilance Awareness Week on 30/10/2023.



The purpose of the application is to provide a web interface for entry and retrieval of Vigilance case details starting from FIR entry, Charge sheet, Investigation module consisting of Examination Complainant / witness, Seizure Zima, 161 Statements, Case Diary Entry, Plan of Action, Expert Opinion, Legal Scrutiny Report and Detail Report Entry etc., Trial and Judgement of the cases.

Scan Me for Launching Video

This software will facilitate communication between Vigilance Officers, Prosecuting Officers, Investigating Officers, SPs, DIGs, IGs, and Addl. DG and Director in the Department. Pre-formatted forms capture data in every step of the process flow starting from FIR to disposal of cases. Similarly, pre-formatted reports are designed to generate registers and various reports.



The application has been developed by Sri Sambit Panda, Scientist-F under able guidance of Shri Malay Das, Scientist-F & HoD.



ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆରମ୍ଭ

# ଶପଥ ପାଠ କରାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୦(ଭୁ.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆରମ୍ଭ ହୋଇଛି। ଅକ୍ଟୋବର ୩୦ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ 'ଦୁର୍ନୀତିକୁ ବିରୋଧ କରିବା; ରାଷ୍ଟ୍ର ପ୍ରତି ସମର୍ପିତ ରହିବା' ବିଷୟବସ୍ତୁକୁ ନେଇ ପାଳନ କରାଯାଉଛି। ଏହି ଅବସରରେ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥପାଠ କରାଇଥିଲେ।

- ଗଣଶପଥ ପାଠର ସିଧାପ୍ରସାରଣ
- ଦୁର୍ନୀତି ବିରୋଧରେ ଲଢ଼ିବାକୁ ଆହ୍ୱାନ
- କମ୍ପ୍ୟୁଟର ଭିତ୍ତିକ ତଦନ୍ତ ଏବଂ ପ୍ରସିକ୍ୟୁସନ୍ ପରିଚାଳନା ବ୍ୟବସ୍ଥା ଶୁଭାରମ୍ଭ
- ବାଲେଶ୍ୱର, ରାଉରକେଲାରେ ନୂଆ ଭିଜିଲାନ୍ସ ଡିଭିଜନ୍ କୋଠା ଉଦ୍‌ଘାଟିତ

ଏକ ନିଆରା ଢ଼ଙ୍ଗରେ ଓସ୍ୱାନ୍ ଜରିଆରେ ସମସ୍ତ ଜିଲା ଓ ବ୍ଲକ୍ ମୁଖ୍ୟାଳୟ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶପଥ ପାଠ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହାର ସିଧାପ୍ରସାରଣ କରାଯାଇଥିଲା। ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଆଦି ଶପଥ ନେଇଥିଲେ। ଏହି ଗଣଶପଥ ପ୍ରତ୍ୟେକ ସ୍ତରରେ ଦୁର୍ନୀତିମୁକ୍ତ ସମାଜ ପାଇଁ ସଚେତନତାର ମାତ୍ରାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ସଦ୍ୟତମ ପରିସଂଖ୍ୟାନ ଅନୁସାରେ ଦେଶରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦୁର୍ନୀତି ବିରୋଧୀ ଏଜେନ୍ସି ମଧ୍ୟରେ ଓଡ଼ିଶା ଭିଜିଲାନ୍ସ ରହିଥିବାରୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ଗତବର୍ଷ ବରିଷ୍ଠ ଅଧିକାରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତିର ଠାବ ଓଡ଼ିଶା ଭିଜିଲାନ୍ସ ଜାରି ରଖିଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ବେନାମି କାରବାର, ମନି ଲଣ୍ଡରିଂ, ଡିଜିଟାଲ କାରବାର ଜରିଆରେ ଦୁର୍ନୀତି, କ୍ରିପ୍ଟୋ କରେନ୍ସି ଆଦି କ୍ଷେତ୍ରରେ ଅଧିକ ପେସାଦାର ଓ ପାରଦର୍ଶିତାର ସହ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହାସହ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ପାଇଁ ପଦକ୍ଷେପ ନେବାକୁ ଭିଜିଲାନ୍ସ ବିଭାଗକୁ କହିଥିଲେ। ୫-ଟି ଉପକ୍ରମକୁ ଦୃଷ୍ଟିରେ ରଖି ଶାସନରେ ରୂପାନ୍ତରଣ ଲକ୍ଷ୍ୟ ହାସଲ କରିବା ଉପରେ ସେ ଜୋର ଦେଇଥିଲେ। ଦୁର୍ନୀତି ବିରୋଧରେ ଲଢ଼ିବା ପାଇଁ ଓଡ଼ିଶାବାସୀଙ୍କୁ ସଂକଳ୍ପ ନେବାକୁ ସେ ନିବେଦନ କରିଥିବାବେଳେ ଏକ ଦୁର୍ନୀତିମୁକ୍ତ ଏବଂ ଏକ ନୂତନ ସଶକ୍ତ ଓଡ଼ିଶା ପ୍ରତିଷ୍ଠା ପାଇଁ ସେ ଆହ୍ୱାନ କରିଥିଲେ।

ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କମ୍ପ୍ୟୁଟର ଭିତ୍ତିକ ତଦନ୍ତ ଏବଂ ପ୍ରସିକ୍ୟୁସନ୍ ପରିଚାଳନା ବ୍ୟବସ୍ଥାର ଉଦ୍‌ଘାଟନ କରିଥିଲେ। ଏହାସହ ଆଭାସି ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବାଲେଶ୍ୱର ଏବଂ ରାଉରକେଲାରେ ଭିଜିଲାନ୍ସ ଡିଭିଜନ୍ କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ ହୋଇଥିଲା। ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା କହିଥିଲେ, ସାଧାରଣ ଜୀବନରେ ସଚ୍ଚୋଟତା ଏବଂ ଅଖଣ୍ଡତା କାର୍ଯ୍ୟକାରୀ କରିବା ଆମ ରାଜ୍ୟ ନୀତିର ଏକ ପ୍ରମୁଖ ସ୍ତମ୍ଭ। ଦୁର୍ନୀତି ବିରୋଧୀ ଲଢ଼େଇରେ ଓଡ଼ିଶା ଆଗରେ ରହିଛି। ଭିଜିଲାନ୍ସ ନିର୍ଦ୍ଦେଶକ ୱାଇକେ ଜେଠ୍‌ୱା ଅତିଥିଙ୍କୁ ସ୍ୱାଗତ କରିଥିଲେ। ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଲ ଧନ୍ୟବାଦ ଅର୍ପଣ କରିଥିଲେ। ୨୦୨୨ ବର୍ଷ ପାଇଁ ଶ୍ରେଷ୍ଠ ଭିଜିଲାନ୍ସ ଡିଭିଜନ୍ ଭାବେ କଟକ ଡିଭିଜନ୍‌ର ଏସ୍‌ପି ଏଲ୍. ଦିବ୍ୟା ଭି., ଶ୍ରେଷ୍ଠ ଭିଜିଲାନ୍ସ ୟୁନିଟ୍ ଭାବେ ନବରଙ୍ଗପୁର ୟୁନିଟ୍‌ର ଡିଏସ୍‌ପି ଜୟଶ୍ରୀ ପ୍ରଧାନ, ଶ୍ରେଷ୍ଠ ତଦନ୍ତକାରୀ ଅଧିକାରୀ ଭାବେ ସୁଶାନ୍ତ କୁମାର ବିଶ୍ୱାଳ, ଶ୍ରେଷ୍ଠ ମହିଳା ତଦନ୍ତକାରୀ ଅଧିକାରୀ ଭାବେ କଟକ ଡିଭିଜନ୍‌ର ଇନ୍ସପେକ୍ଟର ଭାଗ୍ୟଲତା ପ୍ରଧାନ ଏବଂ ଶ୍ରେଷ୍ଠ ପବ୍ଲିକ୍ ପ୍ରସିକ୍ୟୁଟର ଭାବେ ଗୌର ମୋହନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।